ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୬ ଅଗଷ୍ଟ, ୨୦୨୩



**ପ୍ରଶାନ୍ତ ହତ୍ୟା ମାମଲା: ସମ୍ପର୍କୀୟ ଭାଇ ଗିରଫ**

ଢେଙ୍କାନାଳ(ରତନ ନାୟାର): ଢେଙ୍କାନାଳ ସଦର ଥାନା ସୋଗରପଶି ଗ୍ରାମର ପ୍ରଶାନ୍ତ ଦେହୁରୀ (୩୦) ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ମୃତକଙ୍କ ସମ୍ପର୍କୀୟ ଭାଇ ଅଭୟ ଦେହୁରୀଙ୍କୁ ପୋଲିସ ଶନିବାର ଗିରଫ କରିଛି। ହତ୍ୟାରେ ବ୍ୟବହୃତ କଟୁରି ଜବତ କରାଯାଇଛି। ଏ ନେଇ ନଂ. ୬୫୦/୨୨ରେ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତିରେ ଅଭିଯୁକ୍ତ ଅଭୟ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ଗଣ୍ଡଗୋଳ କରୁଥିବା ବେଳେ ଏଥିରେ ପ୍ରଶାନ୍ତ ହସ୍ତକ୍ଷେପ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭୟ ଏକ କଟୁରିରେ ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ସଂକ୍ଷେପରେ

### ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିରୀକ୍ଷକଙ୍କ ପରଲୋକ



ଢେଙ୍କାନାଳ, ୫।୮ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ବୋରାପଦା ଅଞ୍ଚଳନିବାସୀ ତଥା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗ ନିରୀକ୍ଷକ ପ୍ରଶାନ୍ତ କୁମାର ବରାଳଙ୍କ ଶୁକ୍ରବାର କଟକ ଏସ୍‌ସିବି ମେଡିକାଲ କଲେଜରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ମରଶରୀର ବାସଭବନରେ ପହଞ୍ଚିବା ପରେ ଶନିବାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ଏହାପରେ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଇ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। କନିଷ୍ଠ ପୁତ୍ର ତଥା ବରିଷ୍ଠ ଖବରଦାତା ପ୍ରତାପ ବରାଳ ମୁଖାଗ୍ନି ଦେଇଥିଲେ। ଢେଙ୍କାନାଳ, ହିନ୍ଦୋଳ ବ୍ଲକ ଖଜୁରିଆକଟା, ସୁନ୍ଦରଗଡ଼ ଆଦି ସ୍ଥାନରେ କାର୍ଯ୍ୟ କରି ପ୍ରଶାନ୍ତ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ପରଲୋକରେ ଏମ୍‌ପି ମହେଶ ସାହୁ, ଗଣମାଧ୍ୟମ ପ୍ରତିନିଧି ସତ୍ୟସ୍ୱରୂପ ଦାସ, ଅରବିନ୍ଦ ସାହୁ, ଶଶିମୌଳି ରଥ, ସଦାଶିବ ମହାପାତ୍ର, ପ୍ରଦୀପ ସେନାପତି, ଅଥୟ ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ଦୁଷ୍ମନ୍ତ ମହାନ୍ତି, ଗଙ୍ଗାଧର ରାଉତ, ଆଦିତ୍ୟ ପଣ୍ଡା, ଶିବାସ ନାୟକ, ବିନୋଦ ମହାନ୍ତି, ଲକ୍ଷ୍ମୀକାନ୍ତ ସାହୁ, ଶେଖ୍ ଲାଲୁ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

### ଏନ୍‌ଏସି କର୍ମଚାରୀଙ୍କ ଅକାଳ ବିୟୋଗ



ନଗରପାଳ ସହାୟତା ଦେଉଛନ୍ତି।

କାମାକ୍ଷାନଗର, ୫।୮ (ସୁଧୀର ପରିଡ଼ା)

କାମାକ୍ଷାନଗର ଏନ୍‌ଏସି କର୍ମଚାରୀ ତଥା ଗାଡ଼ି ଚାଳକ ଶରତ ନାୟକଙ୍କ ଶନିବାର ପରଲୋକ ହୋଇଯାଇଛି। ସକାଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ହୃଦ୍‌ଘାତରେ ତାଙ୍କର ଦେହାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ଜଣେ ମେଳାପି, କର୍ମତତ୍ପର, ବନ୍ଧୁବତ୍ସଳ ମଣିଷ ଭାବେ କାର୍ଯ୍ୟାଳୟରେ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କର ମୃତଦେହ ଏନ୍‌ଏସି କାର୍ଯ୍ୟାଳୟକୁ ଅଣାଯାଇଥିଲା। ନଗରପାଳ ଧର୍ମାନନ୍ଦ ପରିଡ଼ା, ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ନଗରପାଳ ତାଙ୍କ ପରିବାର ସଦସ୍ୟଙ୍କୁ ୫୦୦୦ ଟଙ୍କା ପ୍ରଦାନ କରିଛନ୍ତି। ଶରତଙ୍କ ବିୟୋଗରେ କାମାକ୍ଷାନଗର ଏନ୍‌ଏସି ଜଣେ ଦକ୍ଷ ବ୍ୟକ୍ତିଙ୍କୁ ହରାଇଲା ବୋଲି ଧର୍ମାନନ୍ଦ କହିଛନ୍ତି।

# ଜନ୍ମରୁ ଦିବ୍ୟାଙ୍ଗ, ନିଟ୍‌ରେ ସଫଳ

**ଉଦାହରଣ ସାଜିଲେ ଅଶ୍ରୁମୋଚନ**

ଢେଙ୍କାନାଳ ଅଫିସ, ୫।୮ (ରତନ ନାୟାର)



ପରିବାର ସଦସ୍ୟଙ୍କ ସହ ଅଶ୍ରୁମୋଚନ।

ଜନ୍ମରୁ ଦିବ୍ୟାଙ୍ଗ। ବଙ୍କା ହୋଇଯାଇଛି ଦୁଇ ହାତ। ଗୋଡ଼ରେ ବି ସମାନ ସମସ୍ୟା। ସ୍ୱାଭାବିକ ଜୀବନ ଜିଇବା କାଠିକର ପାଠ। ହେଲେ ଦୃଢ଼ ମନୋବଳ ଆଗରେ ହାରିଯାଇଛି ଭିନ୍ନକ୍ଷମତା। ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ୩,୭୦୦ ର୍ୟାଙ୍କ୍ ରଖି ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ଆମ୍ବପଡ଼ା ଗ୍ରାମର ଅଶ୍ରୁମୋଚନ ନାୟକ। ଡାକ୍ତରୀ ପାଠପଢ଼ା ପ୍ରତି ନିଷ୍ଠା ତାଙ୍କୁ ସଫଳତା ଆଣି ଦେଇଥିବାବେଳେ ସେ ପାଲଟିଛନ୍ତି ଅନ୍ୟମାନଙ୍କ ଲାଗି ପ୍ରେରଣା।

ଆମ୍ବପଡ଼ା ଗ୍ରାମର ମୂଳବାସିନ୍ଦା ତଥା ଢେଙ୍କାନାଳ କଣ୍ଟାନାଳୀ ବାଇପାସ୍‌ରେ ରହୁଥିବା ବିଜୟ ନାୟକ ଏବଂ ବୀରଞ୍ଜିନୀ ନାୟକଙ୍କ ଦୁଇ ଝିଅପୁଅଙ୍କ ମଧ୍ୟରେ ଅଶ୍ରୁମୋଚନ ହେଉଛନ୍ତି ସାନ। ତାଙ୍କୁ ସମସ୍ତେ ଜଗା ଡାକନ୍ତି। ଜନ୍ମ ସମୟରେ ଶାରୀରିକ ଭିନ୍ନକ୍ଷମତା ଯୋଗୁ ପରିବାର ଲୋକେ ତାଙ୍କ ବଞ୍ଚିବା ଆଶା ଛାଡ଼ିଦେଇଥିଲେ। ବାରମ୍ବାର ଅସୁସ୍ଥତା ଯୋଗୁ ସେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲେ। ଫଳରେ ୫ ବର୍ଷ ହୋଇଥିବାବେଳେ ବେଙ୍ଗାଲୁରୁର ସତ୍ୟସାଇ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି ହେବାକୁ ପଡ଼ିଥିଲା। ୨୦୦୯ରୁ ୨୦୧୩ ଯାଏ ସେଠାରେ ତାଙ୍କର ଚିକିତ୍ସା ଚାଲିଥିଲା। ଅଶ୍ରୁମୋଚନ ଧୀରେ ଧୀରେ ସୁସ୍ଥ ହେଲେ। ତେବେ ଦୀର୍ଘଦିନ ଧରି ମେଡିକାଲ ଶଯ୍ୟାରେ ପଡ଼ିରହିବା ଏବଂ ଯନ୍ତ୍ରଣା ଭୋଗିବା ତାଙ୍କ ମନରେ ଡାକ୍ତରଟିଏ ହେବାକୁ ତୀବ୍ର ଇଚ୍ଛା ସୃଷ୍ଟି କରିଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ମା'ବାପା ସୁକିନ୍ଦାସ୍ଥିତ ଷ୍ଟିୱାର୍ଟ ସ୍କୁଲରେ ତାଙ୍କର ନାମ ଲେଖାଇଥିଲେ। ୧୦ମ ପରୀକ୍ଷାରେ ସେ ୯୨% ନମ୍ବର ରଖି ଉତ୍ତୀର୍ଣ୍ଣ ହେଲେ। ଏହାପରେ ଢେଙ୍କାନାଳ ଡିପିଏସ୍‌ରୁ ଦ୍ୱାଦଶରେ ୯୦% ମାର୍କ ରଖି ପାସ୍ କରିଥିଲେ। ଏହାପରେ ଅନ୍‌ଲାଇନ୍‌ରେ ଅଶ୍ରୁମୋଚନ ନିଟ୍ ପରୀକ୍ଷା ପାଇଁ ନିଷ୍ଠାର ସହ ପ୍ରସ୍ତୁତି ଚଳାଇଥିଲେ। ପ୍ରଥମ ପ୍ରଚେଷ୍ଟାରେ ସେ ଏଭଳି ସମ୍ମାନଜନକ ସର୍ବଭାରତୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଢେଙ୍କାନାଳ ମାଟିକୁ ଗର୍ବିତ କରିଛନ୍ତି। ଅଶ୍ରୁମୋଚନ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଡାକ୍ତରୀ ପାଠ ଅଧ୍ୟୟନ କରିବାର ସୁଯୋଗ ଲାଭ କରିଛନ୍ତି।

ନିଜ ପ୍ରତିକ୍ରିୟାରେ ଅଶ୍ରୁମୋଚନ କୁହନ୍ତି, ଦୃଢ଼ ମନୋବଳ ଯୋଗୁ ଏହି ସଫଳତା ମିଳିଛି। ଜଣେ କାର୍ଡିଓଲୋଜି ସ୍ପେଶାଲିଷ୍ଟ ହେବାକୁ ତାଙ୍କର ଇଚ୍ଛା। ମା'ବାପା, ଭଉଣୀ ବିଷ୍ଣୁପ୍ରିୟାଙ୍କ ପ୍ରେରଣା ଏବଂ ସାଇବାବାଙ୍କ ଆଶୀର୍ବାଦରୁ ଏହା ସମ୍ଭବ ହୋଇପାରିଛି। ସୂଚନାଯୋଗ୍ୟ, ଅଶ୍ରୁମୋଚନ ବାମ ହାତରେ ଲେଖୁଥିବାବେଳେ ଭଲ ଚିତ୍ର ମଧ୍ୟ ଆଙ୍କିପାରନ୍ତି।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ପୌରାଞ୍ଚଳ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା

**ଦେଶରେ ପ୍ରଥମ ଢେଙ୍କାନାଳ**

ଢେଙ୍କାନାଳ, ୫।୮ (ରତନ ନାୟାର)

ସହରାଞ୍ଚଳ ଜାଗା ମିଶନରେ ଢେଙ୍କାନାଳ ପୌରାଞ୍ଚଳର ୩୪ ଆଦିବାସୀ ପରିବାର ଜଙ୍ଗଲ ଜମି ପଟ୍ଟା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ପୌରପାଳିକାର ଜିଲାସ୍ତରୀୟ କମିଟି ବୈଠକରେ ଏହାକୁ ଅନୁମୋଦନ କରିଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ପୌରାଞ୍ଚଳର ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନରେ ଢେଙ୍କାନାଳ ଦେଶରେ ପ୍ରଥମ ବୋଲି ସୂଚନା ଦିଆଯାଇଛି।

ଜନଜାତି ସମ୍ପ୍ରଦାୟଙ୍କ ଲୋକଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା, ସେମାନଙ୍କୁ ମୁଖ୍ୟସ୍ରୋତରେ ଯୋଡ଼ିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସେମାନଙ୍କୁ ସ୍ୱାବଲମ୍ବୀ କରାଇବାରେ ଏହା ସହାୟକ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପୌରଯନ୍ତ୍ରୀ ରଶିତା ମିଶ୍ର ଯୋଜନାର ସବିଶେଷ ତଥ୍ୟ ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ପୌରପାଳିକ ଅନ୍ତର୍ଗତ କାଠଗଡ଼ା ନୂଆସାହି, ପର୍ବତିଆସାହି, ମହିଷାପାଟ ମାଣିଆବନ୍ଧ, ଦଳେଇ ସାହିର ସମ୍ପୃକ୍ତ ୩୪ ଆଦିବାସୀ ହିତାଧିକାରୀଙ୍କୁ ଜଙ୍ଗଲ ଜମି ଆଇନ-୨୦୦୬ ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ଜଙ୍ଗଲ ଜାଗା ମିଶନ ମାଧ୍ୟମରେ ଜମି ପଟ୍ଟା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ ମହାପାତ୍ର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ରାଜସ୍ୱ ନିରୀକ୍ଷକ ତ୍ରୈଲୋକ୍ୟ ମହାଖୁଡ, ସିଟି ମିଶନ ମ୍ୟାନେଜର ସୁଶ୍ରୀ ପ୍ରତ୍ୟୁଷା ପ୍ରମୁଖ ଉପସ୍ଥିତ ଥିଲେ।

# ୨ ମାସ ହେଲା ପାଠାଗାରରେ ତାଲା

**କର୍ମଚାରୀ ନାହାନ୍ତି, ପାଠକ ନିରାଶ**

ଭୁବନ, ୫।୮ (ବିପିନ ବିହାରୀ ସେଠୀ)

ଏକମାତ୍ର ୪ର୍ଥ ଶ୍ରେଣୀ କର୍ମଚାରୀ ଅବସର ନେଇସାରିଲେଣି ୨ ମାସ ହେଲା। ସେବେଠୁ କାର୍ଯ୍ୟାଳୟରେ ଝୁଲୁଛି ତାଲା। ଢେଙ୍କାନାଳ ଜିଲା ଭୁବନ ସୂଚନାକେନ୍ଦ୍ର ଓ ପାଠଗାରରେ ଏଭଳି ଅଚଳାବସ୍ଥା ପାଠକଙ୍କୁ ନିରାଶ କରିଛି।

ଶିକ୍ଷିତଙ୍କ ସହର ଭୁବନରେ ପାଠକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ନଜରରେ ରଖି ଏଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦୀର୍ଘ ବର୍ଷ ତଳେ ଖୋଲାଯାଇଥିଲା ସୂଚନା କେନ୍ଦ୍ର ଓ ପାଠାଗାର। ଏହାର ପରିଚାଳନା ପାଇଁ ପ୍ରଥମେ ୩ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେବେ ପର୍ଯ୍ୟାୟକ୍ରମେ ଅବସର ନେବା ପରେ ମାତ୍ର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀରେ କାର୍ଯ୍ୟାଳୟ ଚାଲିଥିଲା। ଗତ ମେ ୩୧ରେ ପାଠାଗାର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଲକ୍ଷ୍ମୀଧର ସାହାଣୀ ଅବସର ନେଇଯାଇଛନ୍ତି। ଏହାପରେ କାର୍ଯ୍ୟାଳୟ ଚଳାଇବାକୁ କେହି ନ ଥିବାରୁ ତାଲା ଝୁଲୁଛି।

ପୂର୍ବରୁ ସହରର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଏଠାକୁ ଆସି ଖବରକାଗଜ ପଢୁଥିଲେ। ନିଯୁକ୍ତି ବିଜ୍ଞାପନ ଦେଖି ବିଭିନ୍ନ ପଦପଦବୀ ପାଇଁ ଆବେଦନ କରୁଥିଲେ। ହେଲେ କାର୍ଯ୍ୟାଳୟ ବନ୍ଦ ପଡ଼ିଥିବାରୁ ଦୁଇମାସ ହେଲା ପାଠକ ନିରାଶ ହେଉଛନ୍ତି। ଏ ନେଇ ସେମାନେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗଠାରୁ ଆରମ୍ଭ କରି ଉପଜିଲାପାଳ, ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ଫଳ ଶୂନ। ଦୀର୍ଘଦିନ ଧରି ଅଞ୍ଚଳବାସୀ ପାଠାଗାର ସୁବିଧାରୁ ବଞ୍ଚିତ ହୋଇ ରହିଥିବାବେଳେ ସେମାନଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏ ସଂକ୍ରାନ୍ତରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦାୟିତ୍ୱରେ ଥିବା ରମେଶ ଚନ୍ଦ୍ର ସାହୁ କୁହନ୍ତି, ଉକ୍ତ ସୂଚନା କେନ୍ଦ୍ର ଦାୟିତ୍ୱ ସଂସ୍କୃତି ବିଭାଗକୁ ଦିଆଯାଇଛି। ସମସ୍ୟା ନେଇ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।




ଭୁବନସ୍ଥିତ ସୂଚନାକେନ୍ଦ୍ର ଓ ପାଠାଗାର।

### ଢେଙ୍କାନାଳରେ ପଶିଲେ ୩ ହାତୀ ଘର ଭାଙ୍ଗିଲେ, ଆତଙ୍କ ରଚିଲେ

ଢେଙ୍କାନାଳ, ୫।୮ (ରତନ ନାୟାର)

ଢେଙ୍କାନାଳକୁ ପଶି ଆସିଥିବା ୩ ହାତୀଙ୍କ ଉପଦ୍ରବର ଥରହର ହୋଇଛି ସାରା ସହର। ସହର ତଳି ଅଞ୍ଚଳରେ ଜଙ୍ଗଲୀ ହାତୀ ଆତଙ୍କ ସୃଷ୍ଟି କରିଥିବାବେଳେ ସେମାନଙ୍କୁ ଘଉଡ଼ାଇବାକୁ ଯାଇଥିବା ଜଣେ ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କ ଜୀବନ ଅଳ୍ପକେ ବର୍ତ୍ତିଯାଇଛି। ଖବର ଲେଖାଯିବା ସୁଦ୍ଧା ବନ ବିଭାଗ କର୍ମଚାରୀ ହାତୀଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଥିଲେ।

ମେଘା ସଂରକ୍ଷିତ ଜଙ୍ଗଲରୁ ଭଗବାନପୁର-ବୋରାପଦା ଦେଇ ଗୋଟିଏ ଦନ୍ତା ଏବଂ ଦୁଇଟି ମାଈ ହାତୀ ପାଣି ଓହଳା ପାହାଡ଼ ତଳ ଜଙ୍ଗଲ ଦେଇ ଅପରାହ୍ନ ୫ଟାରେ ସହର ଉପକଣ୍ଠରେ ପ୍ରବେଶ କରିଥିଲେ। ପାଣିଓହଳା ପାହାଡ଼ ପାଦଦେଶରେ ଥିବା କୁଞ୍ଜକାନ୍ତ, ଚନ୍ଦ୍ରଶେଖର ଆଇଟିଆଇ, ରାଜନଅର ପଛପାଖରେ ଦୀର୍ଘ ସମୟ ଧରି ଉପଦ୍ରବ ସୃଷ୍ଟି କରିଥିଲେ। ୨ନଂ. ୱାର୍ଡ କୁଞ୍ଜକାନ୍ତ ଅଞ୍ଚଳରେ ୨ଟି ଘର, ଗୋଟିଏ ପାଇଖାନାକୁ ହାତୀ ଭାଙ୍ଗି ଦେଇଛନ୍ତି। ଉକ୍ତ ଅଞ୍ଚଳରେ ଥିବା ସଦର ରେଞ୍ଜ୍ କାର୍ଯ୍ୟାଳୟ ଦେଇ ହାତୀ ଯିବା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

ଅନ୍ୟପଟେ ସହରରେ ହାତୀଙ୍କ ଉପସ୍ଥିତି ଜନସାଧାରଣଙ୍କ ଜୀବନକୁ ବିପଦରେ ପକାଇଛି। ଲୋକମାନେ ହାତୀ ଘଉଡ଼ାଇବାକୁ ଠେଙ୍ଗାବାଡ଼ି, ଟର୍ଚ୍ଚ ଲାଇଟ୍ ଧରି ବୁଲୁଛନ୍ତି। ବନ କର୍ମଚାରୀ, ହାତୀ ସ୍କ୍ୱାଡ୍ ସଦସ୍ୟ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ତେବେ ରାଜବାଟୀ ପଛପଟେ ଜଣେ ହାତୀ ସ୍କ୍ୱାଡ୍ ସଦସ୍ୟ ଏବଂ ହାତୀ ମୁହାଁମୁହିଁ ହୋଇଯାଇଥିଲେ। ତେବେ ଉପସ୍ଥିତ ବୁଦ୍ଧି ଖଟାଇ ସେ ବର୍ତ୍ତିଯାଇଛନ୍ତି। ଏ ସଂକ୍ରାନ୍ତରେ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର କୁହନ୍ତି, ହାତୀଙ୍କ ପାଇଁ ବିଶେଷ କ୍ଷତି ହୋଇନାହିଁ। ବନ କର୍ମଚାରୀ ସେମାନଙ୍କୁ ଘଉଡ଼ାଇ ଦେଉଛନ୍ତି।

# ତ୍ରୁଟିପୂର୍ଣ୍ଣ କୃଷିନୀତି ଚାଷ ବୁଡ଼ାଇଲାଣି




ବିକ୍ଷୋଭ ସମାବେଶରେ ସାମିଲ ହୋଇଥିବା କଂଗ୍ରେସ ନେତୃବୃନ୍ଦ।

ଢେଙ୍କାନାଳ, ୫।୮ (ରତନ ନାୟାର)

ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷିନୀତି, ଚାଷୀଙ୍କୁ ଅଣଦେଖା ପ୍ରତିବାଦରେ ଢେଙ୍କାନାଳ ଜିଲା କୃଷକ କଂଗ୍ରେସ ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିପ୍ରବର ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୧୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

ଉନ୍ନତ ବିହନ, ସାର, କୀଟନାଶକ ଔଷଧ, କୃଷି ଋଣ, ଫସଲବୀମା, ଜଳସେଚନ, କୃଷି ଯନ୍ତ୍ରପାତି, ବୈଷୟିକ ତାଲିମ ପ୍ରଦାନରେ ଜିଲାର ଚାଷୀଙ୍କୁ ଅବହେଳା କରାଯାଉଛି। ହାତୀ, ବାର୍ହା ଉପଦ୍ରବ ଯୋଗୁ ଜିଲାର ୫୦% ଜମି ପଡ଼ିଆ ପଡ଼ିଛି। ମଣ୍ଡିରେ ଦଲାଲରାଜ୍ ଚାଲୁଛି। ଏସବୁ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ସଭାପତି ସରୋଜ କୁମାର ପଟ୍ଟନାୟକ, ବରିଷ୍ଠ ନେତା ନବୀନଚନ୍ଦ୍ର ନାରାୟଣ ଦାସ, ସୁରେଶ ପାଣିଗ୍ରାହୀ, ସୁନୀଲ ଦାଶ, ନିଶାକର ସାହୁ, ଜିତେନ୍ଦ୍ର ସାହୁ, ନକୁଳ ରାଉତ, ହେମନ୍ତ ବେହେରା, ଫକୀର ଚରଣ ବେହେରା, ରୁକ୍ମଣୀ ଦଳେଇ ପ୍ରମୁଖ ଅନେକ ଚାଷୀ ପ୍ରତିନିଧି ଯୋଗଦେଇ କୃଷି ସମସ୍ୟା ଉପରେ ଆଲୋଚନା କରିଥିଲେ।

# ମାସେ ପରେ ବେଣୁଧରଙ୍କ କଙ୍କାଳ ଠାବ

- ଟୋଲ ପେଡ଼ାଇବାକୁ ଯାଇ ନିଖୋଜ ଥିଲେ
- ହାତୀ ଆକ୍ରମଣରେ ମୃତ୍ୟୁ ସନ୍ଦେହ

ପରଜଙ୍ଗ, ୫।୮ (ନିଗମାନନ୍ଦ ଦଳବେହେରା)



ନିଖୋଜ ହେବାର ମାସେ ପରେ ସୁନ୍ଦରାଖୋଲ ସଂରକ୍ଷିତ ଜଙ୍ଗଲରୁ ଠାବ କରାଯାଇଛି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବାଲିପଶି ଗ୍ରାମର ବେଣୁଧର ସାହୁ (୫୫)ଙ୍କ କଙ୍କାଳ। ଘଟଣାସ୍ଥଳରୁ ମିଳିଥିବା ପୋଷାକରୁ ପରିବାର ଲୋକେ ଉକ୍ତ କଙ୍କାଳ ବେଣୁଧରଙ୍କର ବୋଲି ଚିହ୍ନଟ କରିଥିଲେ। ଟୋଲ ପେଡ଼ାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ରବିବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବ ବୋଲି ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୭ରେ କଙ୍କିଳି ଗ୍ରାମକୁ ଟୋଲ ପେଡ଼ାଇବାକୁ ଯାଇ ବେଣୁଧର ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଶନିବାର ସକାଳେ କଙ୍କିଳି ଗ୍ରାମର କେତେଜଣ ବ୍ୟକ୍ତି ଛତୁ ଖୋଜିବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଏକ କଙ୍କାଳ ପଡ଼ିଥିବା ଦେଖିଥିଲେ। ବେଣୁଧରଙ୍କ ନିଖୋଜ ସମ୍ପର୍କରେ ସେମାନେ ଜାଣିଥିବାରୁ ତାଙ୍କ ଘର ଲୋକଙ୍କୁ ସୂଚନା ଦେଇଥିଲେ। ଏହାପରେ ଘର ଲୋକେ ଘଟଣାସ୍ଥଳରେ ପହଞ୍ଚି ସେଠାରେ ପଡ଼ିଥିବା ପୋଷାକରୁ ଉକ୍ତ କଙ୍କାଳ ବେଣୁଧରଙ୍କର ବୋଲି କହିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଛି। ସେପଟେ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେଣୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ, ଅସ୍ଥି ନମୁନା ପରୀକ୍ଷାରୁ ବେଣୁଧରଣଙ୍କ ମୃତ୍ୟୁ କିପରି ହେଲା, ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଶ୍ରମିକଙ୍କୁ ଆକ୍ରମଣ ପ୍ରତିବାଦରେ ମୌନ ଧାରଣା

ଢେଙ୍କାନାଳ, ୫।୮ (ରତନ ନାୟାର)

ଟାଟା ଷ୍ଟିଲ୍ କମ୍ପାନୀ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଶ୍ରମିକଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରତିବାଦରେ ଟ୍ରେଡ୍ ୟୁନିୟନ ନେତା ଦେବାଶିଷ ହୋତାଙ୍କ ନେତୃତ୍ୱରେ ଶନିବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ମୌନ ଧାରଣା ଦିଆଯାଇଛି। ଗତ ଜୁଲାଇ ୧୮ରେ ଟାଟା ଷ୍ଟିଲ୍ କମ୍ପାନୀ ଆଗରେ ଧାରଣାରତ ଶ୍ରମିକଙ୍କୁ କେତେଜଣ ଅସାମାଜିକ ବ୍ୟକ୍ତି ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଶ୍ରମିକ ନେତା ହୋତାଙ୍କ ନେତୃତ୍ୱରେ ଦକ୍ଷିଣକାଳୀ ରୋଡ୍ ଅଞ୍ଚଳରୁ ଏକ ଶୋଭାଯାତ୍ରା ବାହାର ଜିଲା କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ବହୁ ସଂଖ୍ୟାରେ ଶ୍ରମିକ ଓ ସମର୍ଥକ ପ୍ରତୀକାତ୍ମକ ଭାବେ ମୌନ ଧାରଣାରେ ବସିଥିଲେ।

ଅଭିଯୋଗ ଅନୁଯାୟୀ ୭ବର୍ଷ ପୂର୍ବରୁ ଟିଏସ୍‌ପିଏଲ୍‌ର ୭୦୦ ଶ୍ରମିକଙ୍କୁ ବିନା ନୋଟିସରେ ଛଟେଇ କରାଯାଇଥିଲା। ଅଦ୍ୟାବଧି ସେମାନଙ୍କୁ ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନ କରାଯାଇନାହିଁ। ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ୍ ଟିଏସ୍‌ପିଏଲ୍‌କୁ ନୋଟିସ ପଠାଇଥିଲା। ତେବେ ଭୁଲ୍ ଠିକଣାରେ ନୋଟିସ୍ ଆସିଥିବାରୁ ଏହା ଫେରିଯାଇଛି, ଯାହା ଆଶ୍ଚର୍ଯ୍ୟ କରିଛି ବୋଲି ଦେବାଶିଷ କହିଛନ୍ତି। ଛଟେଇ କରାଯାଇଥିବା ଶ୍ରମିକଙ୍କୁ ନ୍ୟାୟ ନ ମିଳିବା ଯାଏ ଆନ୍ଦୋଳନ ଚାଲିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ଶ୍ରମିକଙ୍କ ଉପରେ ହୋଇଥିବା ଆକ୍ରମଣ ଅଭିଯୋଗ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଶ୍ରମିକଙ୍କ ବକେୟା ପ୍ରାପ୍ୟ ପ୍ରଦାନ ମାମଲା ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବାରୁ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।




ଧାରଣାରତ ଶ୍ରମିକନେତା, ଶ୍ରମିକ ଓ ସମର୍ଥକମାନେ।

# 'ସଚ୍ଚୋଟ ହୁଅ, ବୃତ୍ତିକୁ ଭଲପାଅ'

**ବରିଷ୍ଠ ଆଇନଜୀବୀ ସଦାନନ୍ଦ ଜେନାଙ୍କ ତୈଳଚିତ୍ର ଉନ୍ମୋଚିତ**

ଢେଙ୍କାନାଳ, ୫।୮ (ରତନ ନାୟାର)

ଓକିଲାତି ଏକ ପେସା। ଟଙ୍କା ପଛରେ ଦୌଡ଼ନାହିଁ। ସଚ୍ଚୋଟ ହୁଅ। ବୃତ୍ତିକୁ ଭଲପାଅ ବୋଲି କହିଛନ୍ତି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର। ଢେଙ୍କାନାଳ ଜିଲା ସିଭିଲ କୋର୍ଟ ପରିସରରେ ଥିବା ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଶନିବାର ଅପରାହ୍ନରେ ବରିଷ୍ଠ ଆଇନଜୀବୀ ଜଷ୍ଟିସ୍ ସଦାନନ୍ଦ ଜେନାଙ୍କ ତୈଳଚିତ୍ର ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଆଇନଜୀବୀ ସଦାନନ୍ଦଙ୍କ ସରଳତା ଏବଂ ଦିବ୍ୟ ମାନସିକତା ସର୍ବଦା ଆମ ସମସ୍ତଙ୍କ ମାର୍ଗଦର୍ଶନ କରିବ ବୋଲି ମୁଖ୍ୟ ଅତିଥି ଜଷ୍ଟିସ୍ ମିଶ୍ର କହିଛନ୍ତି।




ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଜିଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ମୁଖ୍ୟବକ୍ତା ଭାବେ ଜିଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତି କହିଲେ, ଆଇନଜୀବୀ ସଦାନନ୍ଦ ଥିଲେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ। ବିଭିନ୍ନ ମାମଲା ପରିଚାଳନାରେ ତାଙ୍କ ଦକ୍ଷତା ରହିଥିଲା। କର୍ତ୍ତବ୍ୟନିଷ୍ଠା ଏବଂ କର୍ମମୟ ଜୀବନକୁ ନେଇ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଜିଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ନବୀନଚନ୍ଦ୍ର ନାରାୟଣ ଦାସ, ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ ସ୍ୱର୍ଗତ ସଦାନନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ସଦାନଙ୍କ ଦୁଇ ପୁଅ ବିକ୍ରମ ଏବଂ ଜ୍ଞାନପ୍ରକାଶ ଉପସ୍ଥିତ ଥିଲେ। ୧୯୮୩ରେ ଜିଲା ଓକିଲ ସଂଘ ପଞ୍ଜୀକୃତ ହେବାପରଠାରୁ ସଭାପତି ରହି ଆସିଥିବା ସମସ୍ତ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ସରୋଜ ପାତ୍ରୀ, ଯୁଗ୍ମ ସମ୍ପାଦକ ଅନନ୍ତ ସାହୁ, କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାଉତ, କାର୍ଯ୍ୟକାରିଣୀ ସଭ୍ୟ ପ୍ରେମାନନ୍ଦ ବିହାରୀ, ମଳୟ ପାଣିଗ୍ରାହୀ, ଶକ୍ତିବ୍ରତ କେଶରୀଦେବ, ପୂର୍ବତନ ସଭାପତି ଶିବସାଇ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ପ୍ରଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଜଷ୍ଟିସ୍ ମିଶ୍ର ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

